# ଢେଙ୍କାନାଳ ବିକାଶ ପରିଷଦ ପକ୍ଷରୁ ଜିଲା କାର୍ଯ୍ୟାଳୟ ଘେରାଉ

**କପିଳାସ ପୀଠର ରକ୍ଷଣାବେକ୍ଷଣ, କମ୍ପାନୀମାନଙ୍କ ମନମାନିକୁ ନେଇ ଧାରଣା**

ଢେଙ୍କାନାଳ,୧୦।୩(ରତନ ନାୟାର)


ବିକାଶ ପରିଷଦର ସଦସ୍ୟମାନେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ଢେଙ୍କାନାଳ ବିକାଶ ପରିଷଦ ପକ୍ଷରୁ ସୋମବାର ପୂର୍ବାହ୍ନରେ ୭ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଧରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ମହେଶ ସାହୁ ଯୋଗଦେଇଥିଲେ। ଢେଙ୍କାନାଳର ଆରାଧ୍ୟ ଦେବତା କପିଳାସର ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠର ରକ୍ଷଣାବେକ୍ଷଣ ହେଉନଥିବା ଦୁଃଖ ଓ ପରିତାପର ବିଷୟ। ସେହିପରି କେନ୍ଦ୍ର ସରକାର ଦ୍ୱାରା ୨୦୧୭ରୁ ଘୋଷିତ ଆକାଂକ୍ଷା ଜିଲା ଢେଙ୍କାନାଳରେ ମେଡିକାଲ କଲେଜ ହେବା ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ ଏମ୍‌ପି ମହେଶ ସାହୁ ମତବ୍ୟକ୍ତ କରିଥିଲେ । ନିର୍ବାଚନ ସମୟରେ ଭାଜପା ନେତୃବୃନ୍ଦ ଢେଙ୍କାନାଳରେ ମେଡିକାଲ କଲେଜ ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଗତ ଲୋକସଭାରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଢେଙ୍କାନାଳରେ ମେଡିକାଲ କଲେଜ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ଠାରୁ କୌଣସି ପ୍ରସ୍ତାବ ନାହିଁ ବୋଲି କହିଥିଲେ । ସେହିପରି ଜିଲାରେ ଶିଳ୍ପାନୁଷ୍ଠାନ ବୃଦ୍ଧି ପାଉଥିବା ବେଳେ ଜିଲାବାସୀ ବାୟୁ ଓ ଜଳ ପ୍ରଦୂଷଣରେ ଜର୍ଜରିତ ହେଉଛନ୍ତି । କୋଇଲାଭିତ୍ତିକ ତାପଜ ବିଦ୍ୟୁତ ଉତ୍ପାଦନ କଳ କାରଖାନାରୁ ବାହାରୁଥିବା ପାଉଁଶ ପାଇଁ ପାଉଁଶ ପୋଖରୀ କରାଯାଉନାହିଁ । ଏହାକୁ ଖୋଲା ପଡିଆ ଓ ରାସ୍ତାପାର୍ଶ୍ୱ ଜମିରେ ପକାଇବା ଯୋଗୁ ବାୟୁ ମଣ୍ଡଳର ପ୍ରଦୂଷଣ ବଢୁଛି । ସେହିପରି ବିଭିନ୍ନ କଳକାରଖାନାରୁ ନିର୍ଗତ ହେଉଥିବା ରାସାୟନିକ ଦ୍ରବ ପାଣିରେ ପ୍ରବେଶ କରି ଜୀବନ ଜୀବିକା ସାଜିଥିବା ବ୍ରାହ୍ମଣୀ ନଦୀ ପ୍ରଦୂଷିତ ହେବା ସହିତ ଏହାକୁ ନେଇ ବିଭିନ୍ନ ଜଟିଳ ରୋଗରେ ଲୋକମାନେ ସଂକ୍ରମିତ ହେଉଛନ୍ତି । ଅନ୍ୟପଟରେ ଜିଲାରେ କ୍ରସର ସଂଖ୍ୟା ବଢୁଥିବା ବେଳେ କ୍ରସର ୟୁନିଟଗୁଡିକ ଯୋଗୁ ବାୟୁମଣ୍ଡଳର ପ୍ରଦୂଷଣ ବଢୁଥିବା ଜାଣିମଧ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । ସହରରେ ଟ୍ରାଫିକ ବ୍ୟବସ୍ଥାକୁ ଉନ୍ନତ ମାନର କରିବା, ୫୫ନଂ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ତୁରନ୍ତ ସାରିବା, ଦୁର୍ଘଟଣା ପ୍ରବଣ ଛକରେ ତୁରନ୍ତ ଯୁଦ୍ଧକାଳୀନ ଭିତରେ ଫ୍ଲାଏଓଭର ନିର୍ମାଣ ପାଇଁ ବକ୍ତାମାନେ ଦୃଢ ମତ ପୋଷଣ କରିଥିଲେ । ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟଗୁଡିକୁ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଢେଙ୍କାନାଳ ବିକାଶ ପରିଷଦ ପକ୍ଷରୁ ଆନ୍ଦୋଳନକୁ ତିବ୍ରତର କରାଯିବ ବୋଲି ଚେତାବନି ଦିଆଯାଇଥିଲା । କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଭୁବନ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପଙ୍କଜ କୁମାର ନାୟକ, ଭରତ କୁମାର ଦାସ, ଦୀପକ ପ୍ରସାଦ ପଟ୍ଟନାୟକ, ବିଶ୍ୱନାଥ ବେହେରା, ସରୋଜ ଶତପଥୀ, ସୁକାନ୍ତ ମହାପାତ୍ର, ଅଖିଳ ମହାପାତ୍ର ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ । ସୁରେଶ କୁମାର ମିଶ୍ର, ଶରତ ପଟ୍ଟନାୟକ, ପ୍ରତାପ ଦାସ, ଦେବାଶିଷ ମିଶ୍ର, ପ୍ରଦ୍ୟୁମ୍ନ ସାହୁ, ବିମଳ ଶତପଥୀ, ଶେଖର ସେଠି, ଦୁଷ୍ମନ୍ତ ମହାନ୍ତି, ଅଶୋକ ମହାପାତ୍ର, ପିନୁ ଗିରି ଓ ସୁଧାଂଶୁ ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଆଇଆଇଏମ୍‌ସି ପକ୍ଷରୁ କ୍ୟାରିୟର ସୁଯୋଗ ସମ୍ପର୍କିତ କାର୍ଯ୍ୟକ୍ରମ


ଆଇଆଇଏମ୍‌ସି ପକ୍ଷରୁ ସାନ୍ଧ୍ୟ ଡିଗ୍ରୀ କଲେଜରେ କ୍ୟାରିୟର ସୁଯୋଗ ସମ୍ପର୍କିତ କାର୍ଯ୍ୟକ୍ରମରେ ପ୍ରଫେସର ଓ ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ,୧୦।୩(ରତନ ନାୟାର)

ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳ ଏବଂ ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟଠାରେ 'ଗଣମାଧ୍ୟମ ଓ ଗଣ ଯୋଗାଯୋଗ କ୍ଷେତ୍ରରେ କ୍ୟାରିୟର ସୁଯୋଗ' ସମ୍ପର୍କିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଇଆଇଏମ୍‌ସି ଢେଙ୍କାନାଳ ଇଂରାଜୀ ସାମ୍ବାଦିକତା ବିଭାଗର ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ୍, ଓଡ଼ିଆ ସାମ୍ବାଦିକତା ବିଭାଗର ସହକାରୀ ପ୍ରଫେସର ଡ. ଚିରସ୍ରୋତା ଜେନା ଓ ଆକାଡେମିକ ଆସୋସିଏଟ୍ ସୌମ୍ୟରଞ୍ଜନ ବିହାରୀ ଯୋଗଦେଇ ସାମ୍ବାଦିକତା ଓ ଗଣ ଯୋଗାଯୋଗ କ୍ଷେତ୍ରରେ ଥିବା କ୍ୟାରିୟର ସୁଯୋଗ ସଂପର୍କରେ ଆଲୋଚନା କରିଛନ୍ତି। ଆଇଆଇଏମ୍‌ସି ଢେଙ୍କାନାଳରେ ପ୍ରଦାନ କରାଯାଉଥିବା 'ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମ' ଚଳିତ ବର୍ଷ ୨୫ବର୍ଷ ପୂରଣ କରିବାକୁ ଯାଉଛି। ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମର ବିଭିନ୍ନ ଦିଗ ତଥା କ୍ୟାରିୟର ସୁଯୋଗ ଏବଂ ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସଫଳତା ସଂପର୍କରେ ଆଇଆଇଏମ୍‌ସିର ଅଧ୍ୟାପିକା, ଅଧ୍ୟାପକ ଆଲୋଚନା କରିଛନ୍ତି । ପ୍ରାରମ୍ଭରେ ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସମୀର କୁମାର ସାହୁ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ତୃତୀୟ ବର୍ଷର ପ୍ରାୟ ୧୨୦ଜଣ ଛାତ୍ରଛାତ୍ରୀ ଓ ବିଭିନ୍ନ ବିଭାଗର ଅଧ୍ୟାପକ ଯୋଗ ଦେଇଥିଲେ। ୧୯୯୩ରେ ଭାରତୀୟ ଜନ ସଂଚାର ସଂସ୍ଥାନ ନୂଆଦିଲ୍ଲୀର ପ୍ରଥମ ଶାଖା ଢେଙ୍କାନାଳରେ ଖୋଲିଥିଲା। ୨୦୦୧ରେ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ହିନ୍ଦୀ ପରେ ଏହା ଦେଶର ପ୍ରଥମ ଭାଷାଭିତ୍ତିକ ସାମ୍ବାଦିକତା ପାଠ୍ୟକ୍ରମ। ଗତବର୍ଷ ଆଇଆଇଏମ୍‌ସିକୁ ଡିମ୍ଡ୍ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଛି ।

# ବ୍ରାଉନ ସୁଗାର ଜବତ ମାମଲାରେ ୨ ଗିରଫ

ଢେଙ୍କାନାଳ,୧୦।୩(ରତନ ନାୟାର)

ଢେଙ୍କାନାଳ ଟାଉନ ଥାନା ପୋଲିସ ରବିବାର ସନ୍ଧ୍ୟାରେ ସ୍ଥାନୀୟ ରେଳ ଷ୍ଟେଶନ ନିକଟରୁ ୨୩.୬ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଏହି ଘଟଣାରେ ଅଭିଯୁକ୍ତ ଥିବା ଦୁଇ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଅନୁଗୋଳ ଥାନା ଲିଙ୍ଗରାଯୋଡି ଗ୍ରାମର ଲିକୁନ ପଟ୍ଟନାୟକ(୨୫) ଓ ତରୁଙ୍ଗ ଗ୍ରାମର ସୋମେଶ ଦାସ (୨୫)। ଉଭୟଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଛି। ଉଭୟେ ଜଳେଶ୍ୱରରୁ ବ୍ରାଉନ ସୁଗାର ଅନୁଗୋଳ ନେଇ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ପୋଲିସ ଉଭୟଙ୍କୁ ଗିରଫ କରିଥିଲେ। ସେମାନଙ୍କ ଠାରୁ ୫୦୦ ପ୍ୟାକେଟ ଜବତ ହୋଇଥିଲା। ଏହି ଘଟଣାରେ ଅନ୍ୟଜଣେ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି । ଜବତ ବ୍ରାଉନ ସୁଗାର ମୂଲ୍ୟ ପ୍ରାୟ ୩ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ କହିଛନ୍ତି।

# ରାଷ୍ଟ୍ରୀୟ ବୌଦ୍ଧ ମହାସଭା ପକ୍ଷରୁ ଦାବିପତ୍ର



ଢେଙ୍କାନାଳ,୧୦।୩(ରତନ ନାୟାର)

ରାଷ୍ଟ୍ରୀୟ ବୌଦ୍ଧ ମହାସଭା ଆହ୍ୱାନ କ୍ରମେ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ବିହାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ବୁଦ୍ଧଗୟା ବିହାରରେ ବୌଦ୍ଧ ବିହାରରେ ଧର୍ମ ନିରପେକ୍ଷତାକୁ ଉଲ୍ଲଘଂନ କରି ବୌଦ୍ଧ ଭିକ୍ଷୁମାନଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ କରି ଉତ୍ପୀଡ଼ନ କରିବା ସହିତ ମରଣାତ୍ମକ ଆକ୍ରମଣ କରାଯାଉଛି। ପ୍ରତ୍ୟକ ଧର୍ମର ଉପାସନାସ୍ଥଳ ସବୁ ଧର୍ମବାଲମ୍ବୀମାନେ ନିଜନିଜ ହିସାବରେ ବ୍ୟବହାର କରିଆସୁଛନ୍ତି। ମାତ୍ର ବିହାରରେ ବୁଦ୍ଧଗୟାରୁ ବୌଦ୍ଧମାନଙ୍କୁ ବିତାଡିତ କରି ରାମ ମୂର୍ତି ରଖି ହିନ୍ଦୁକରଣ କରିବାକୁ ଷଡଯନ୍ତ୍ର ଚାଲିଛି। ବୌଦ୍ଧଧର୍ମ ଏକ ଶାନ୍ତି ଓ ମୈତ୍ରୀର ଧର୍ମ ଭାବେ ସମଗ୍ର ବିଶ୍ୱରେ ପରିଚିତ। ମାତ୍ର ବିହାରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଫଳରେ ଆଜକୁ ୨୫ଦିନ ଧରି ବିହାରରେ ବୌଦ୍ଧ ଅବଲମ୍ବୀମାନେ ପ୍ରତିବାଦ କରୁଛନ୍ତି। ଏହାକୁ ସମର୍ଥନ କରି ସମଗ୍ର ବିଶ୍ୱର ବୁଦ୍ଧ ଅନୁଗାମୀମାନେ ଆନ୍ଦୋଳନରେ ଅଂଶଗ୍ରହଣ କରୁଛନ୍ତି। ବୌଦ୍ଧ ବିହାରକୁ ବୌଦ୍ଧମାନଙ୍କୁ ହସ୍ତାନ୍ତର କରିବା ପାଇଁ ଦେଶବ୍ୟାପୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଅଛି। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲାର କାର୍ଯ୍ୟକର୍ତ୍ତା ଚିତ୍ରସେନ ନାଏକ, କଳାବତୀ ନାଏକ ଓ ପ୍ରଦ୍ୟୁମ୍ନ କୁମାର ନାଏକ ପ୍ରମୁଖ ମିଳିତ ଭାବେ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଭାଜପା ପକ୍ଷରୁ ସ୍ମୃତିରେ ଅଟଳ


ଅଟଳ ବିହାରୀ ବାଜପେୟୀ ଜନ୍ମଶତାବ୍ଦୀ ବର୍ଷ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ଢେଙ୍କାନାଳ,୧୦।୩(ରତନ ନାୟାର)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ। ଅଟଳ ସିନା ନାହାନ୍ତି କିନ୍ତୁ ତାଙ୍କର ନେତୃତ୍ୱ, ଦକ୍ଷତା ଓ ତାଙ୍କର ନିଷ୍ପତି ଆଜି ବି ପ୍ରତିଟି ଭାରତୀୟ ମନରେ ସେମିତି ସତେଜ। ତାଙ୍କର ଗୋଟିଏ ନିଷ୍ପତି ସାରା ବିଶ୍ୱପାଇଁ ଉଦାହରଣ ଥିଲା। କ୍ଷମତାରେ ଥାଆନ୍ତୁ ବା ବିରୋଧରେ ଅଟଳ ବିହାରୀ ବାଜପେୟୀ ସବୁବେଳେ ସମାନ ଥିଲେ। ଗଣତନ୍ତ୍ରକୁ ରକ୍ଷା ଓ ରାଷ୍ଟ୍ରବାଦରେ ଭରପୁର ଥିଲା ଅଟଳଙ୍କ ମନ। ତାଙ୍କ ସ୍ମୃତିକୁ ମନେପକେଇ ସାରା ଭାରତବାସୀ ତାଙ୍କ ଜନ୍ମତିଥିକୁ ସ୍ମରଣ ରଖିବାକୁ ପାଳନ କରୁଛି। ଢେଙ୍କାନାଳ ଜିଲାରେ ଭାଜପା ପକ୍ଷରୁ ରବିବାର ଜିଲା ସଭାପତି ରାସ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଢେଙ୍କାନାଳ ଟାଉନହଲ ଠାରେ ଜନ୍ମଶତାବ୍ଦୀ ବର୍ଷ 'ସ୍ମୃତିରେ ଅଟଳ' ପାଳନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ କବିମାନେ ଯୋଗଦେଇ ତାଙ୍କ କବିତା ମାଧ୍ୟମରେ ଅଟଳଙ୍କ ସ୍ମୃତି ବନ୍ଦନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। କବି ଡ. ସୁବାସ ନାୟକ, ଦିବାକର ନନ୍ଦ, ରବିନ୍ଦ୍ର କୁମାର ହୋତା, ନିର୍ମଳ ମହାପାତ୍ର, ପରେଶ୍ ପଟ୍ଟନାୟକ, ଶତ୍ରୁଘ୍ନ ମାଟି, ଆବୋରି ଭୋଇ, ପ୍ରକାଶ ଚନ୍ଦ୍ର ରାଉତ, ସୁନିଲ୍ ଶର୍ମା ଓ ଅଟଳବିହାରୀ ବାଜପେୟୀଙ୍କ ଛବିକୁ ଅତି ନିଖୁଣ ଭାବରେ ଅଙ୍କନ କରିଥିବା କୌଶିକ ନାରାୟଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଟଳ ବିହାରୀ ବାଜପେୟୀ ଅମର ରହେ ବୋଲି ସମୂହ ସ୍ଲୋଗାନ୍ ଦିଆଯାଇଥିଲା ।

# ମହିଳା କଲେଜରେ ଅନ୍ତର୍ଜାତୀୟ ମହିଳା ଦିବସ




ଭୁବନ, ୧୦।୩ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। କଲେଜର ଅଧ୍ୟକ୍ଷ ଦିଲ୍ଲିପ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନେ ପୁରୁଷମାନଙ୍କଠାରୁ ଅନେକ ଆଗରେ ପହଞ୍ଚିବାର ଦୃଷ୍ଟାନ୍ତ ହୋଇଛନ୍ତି। ଅଧ୍ୟାପିକା ଡ଼. ନମିତା ଦାସ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ନିରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ୟୁଥ ରେଡକ୍ରସର ଅଧ୍ୟାପିକା ଅନୁପମା ମିଶ୍ର କାର୍ଯକ୍ରମକୁ ପରିଚାନା କରିଥିଲେ। ସମସ୍ତ ଛାତ୍ରୀମାନଙ୍କ ମଧ୍ୟରେ ସମାଜରେ ନାରୀର ଭୂମିକା ଓ ସମାଜ ପାଇଁ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାଜନୀତି ିଜ୍ଞାନର ଅଧ୍ୟାପକ ପ୍ରଶାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ୭୫ ଅଭିଯୋଗ ଆଣିଲେ ହିତାଧିକାରୀ

ଭୁବନ,୧୦।୩ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ବ୍ଲକ ସଭା ଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିବା ବେଳେ ଢେଙ୍କାନାଳ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକରଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣିରେ ଭୁବନ ବ୍ଲକ ଓ ଏନଏସିର ମୋଟ ୭୫ଟି ଅଭିଯୋଗ କରାଯାଇଥିଲା। ସେଥିମଧ୍ୟରୁ ୬୩ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୧୨ଟି ଅଭିଯୋଗ ସାମୂହିକ ଥିଲା। ସେଥିରେ ୫ଜଣ ଅସହାୟ ବ୍ୟକ୍ତିଙ୍କୁ ଚିକିତ୍ସା ନିମିତ୍ତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ମଦ ଦୋକାନ ସ୍ଥାନାନ୍ତରିତ ପାଇଁ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ପରେ ପୂର୍ବତନ ଗଁଦିଆ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂ ଓ ଅଞ୍ଚଳବାସୀ କପିଳାସ ଉନ୍ନୟନ ସହିତ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ କରିଥିଲେ। ଯଥାଶୀଘ୍ର ସମସ୍ତ ସମସ୍ୟା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ ପାଇଁ ଦାୟୀତ୍ୱ ଦେଇଥିଲେ। ସେଥିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତିରଞ୍ଜନ ସେଠୀ, ଏଡିଏମ ରମେଶ ଚନ୍ଦ୍ର ସେଠୀ, ଜିଲା ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକ ଡ଼ା ନିଳମଣୀ ଦିଲ୍ଲୀପ ଚାନ୍ଦ ବେହେରା, ଜିଲା ଶିକ୍ଷା ଅଧିକାରିଣୀ ବିନିତା ସେନାପତି, କାମାକ୍ଷାନଗର ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ବିଡିଓ ଆୟୁଷୀ ମହାପାତ୍ର, ତହସିଲଦାର ସୂର୍ଯ୍ୟ ଶଙ୍କର ଦାସ, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ଓ ବ୍ଲକ ଶିକ୍ଷା ଅଧିକାରୀ ଅଦୈତ କୁମାର ସାମଲଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଏଟିଏମ୍‌ରେ ଟଙ୍କା ନ ମିଳିବାରୁ ଗ୍ରାହକ ହନ୍ତସନ୍ତ

ଢେଙ୍କାନାଳ,୧୦।୩(ରତନ ନାୟାର)

ଢେଙ୍କାନାଳ ସହରରେ ଗତ କିଛିଦିନ ହେବ ଏଟିଏମ୍ ଗୁଡିକରେ ଟଙ୍କା ଆସୁନଥିବାରୁ ଗ୍ରାହକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସୋମବାର ଢେଙ୍କାନାଳ ସହରାଞ୍ଚଳରେ ଥିବା ଏଟିଏମ୍ ସମେତ ସଦର ବ୍ଲକର ବିଭିନ୍ନ ଅଞ୍ଚଳରେ ଏଟିଏମ୍‌ଗୁଡିକରେ ଟଙ୍କା ନଥିବାରୁ ଗ୍ରାହକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ବିଭିନ୍ନ ବ୍ୟାଙ୍କର ଏଟିଏମ୍ ଗୁଡିକରେ ଟଙ୍କା ନଥିବା ଦେଖାଯାଇଥିଲା । ଚଳିତମାସର ଦ୍ୱିତୀୟ ଶନିବାର ଓ ରବିବାର ଛୁଟିଥିବା ଯୋଗୁ ଲୋକେ ବ୍ୟାଙ୍କରୁ ଟଙ୍କା ଉଠାଇ ପାରିନଥିଲେ । ଏ ସମ୍ପର୍କରେ ବ୍ୟାଙ୍କଗୁଡିକ ପକ୍ଷରୁ ମଧ୍ୟ ଗ୍ରାହକ ମାନଙ୍କୁ କୌଣସି ସ୍ୱଷ୍ଟ ସୂଚନା ଦିଆଯାଇନଥିବାରୁ ଚିନ୍ତାରେ ପଡିଯାଇଛନ୍ତି ସାଧାରଣ ଲୋକ । ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ଦୃଷ୍ଟି ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଢେଙ୍କାନାଳ ଶାଖାର ମୁଖ୍ୟ ପରିଚାଳକ ସନ୍ଦିପ ତ୍ରିପାଠୀ କୁହନ୍ତି ଯେ, ନେଟୱର୍କ ସମସ୍ୟା ଯୋଗୁ ସାରା ଭାରତ ବର୍ଷରେ ଏହି ସମସ୍ୟା ହୋଇଥିଲା । ବର୍ତ୍ତମାନ ଏହା ଠିକ୍ ହୋଇଗଲାଣି ବୋଲି ସେ କହିଥିଲେ ।

# ବାଳିକା ଆତ୍ମରକ୍ଷା ଶିବିର

ଓଡ଼ାପଡ଼ା, ୧୦।୩ (ରଞ୍ଜିତ ନାୟକ)

ଢେଙ୍କାନାଳ ହିନ୍ଦୋଳରୋଡ ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏକ ଆଠ ଦିନିକିଆ ବାଳିକା ଆତ୍ମରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ଅର୍ଥନୀତି ବିଭାଗର ଅଧ୍ୟାପିକା ତଥା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ନୟନା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବର୍ତ୍ତମାନର ସମାଜରେ ଆତ୍ମରକ୍ଷା ଶିକ୍ଷା ବାଳିକାମାନଙ୍କ ନିମନ୍ତେ ଅତ୍ୟାବଶ୍ୟକ ବୋଲି ଛାତ୍ରୀମାନଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ ୧୭୨ଜଣ ଛାତ୍ରୀ ଅଂଶଗ୍ରହଣ କରିବେ। ମାଷ୍ଟର ଟ୍ରେନର୍ ଭାବରେ ପୂଜା ବେହେରା ଓ ସସ୍ମିତା ମହାରଣା ତାଲିମ ପ୍ରଦାନ କରିବେ।

# ଡ୍ରାଇଭର ସଂଘର ସଚେତନତା ସଭା



ପରଜଙ୍ଗ, ୧୦।୩ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କନ୍ଦରସିଂହା ଗ୍ରାମ ପଞ୍ଚାୟତରେ ଡ୍ରାଇଭର ସଂଘ ପରିବାରଙ୍କୁ ସଚେତନତା କରାଇବା ନିମନ୍ତେ ପରଜଙ୍ଗ ବ୍ଲକର ଡ୍ରାଇଭର ସଂଘ ପକ୍ଷରୁ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ମଦ ପିଇ କିମ୍ବା ନିଶାଦ୍ରବ୍ୟ ପାନ କରି ଗାଡ଼ି ନ ଚଲାଇବା, ଟ୍ରାଫିକ ନିୟମ ମାନି ଚଳିବା, ଗାଡ଼ି ଚଲାଇବା ସମୟରେ ୟୁନିଫର୍ମ ପିନ୍ଧିବା, ନିଜକୁ ସର୍ବଦା ସୁରକ୍ଷିତ ରଖିବା ସହ ଅନ୍ୟର କ୍ଷତି ନ ପହଞ୍ଚାଇବା, ନିଦ ଲାଗିଲେ ସୁରକ୍ଷିତ ସ୍ଥାନରେ ଗାଡ଼ି ଅଟକାଇ ଶୋଇବା ଏବଂ ବିଚଳିତ ହୋଇ ଗାଡ଼ି ନ ଚଲେଇବା ଇତ୍ୟାଦି ବାର୍ତ୍ତା ଦେଇଥିଲେ। ଏହି ସଚେତନ ସଭାରେ କନ୍ଦରସିଂହା, କନ୍ତୁର ଓ ଗେଙ୍ଗୁଟିଆ ପଞ୍ଚାୟତର ଡ୍ରାଇଭର ସଂଘ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବ୍ଲକ କମିଟି ସଭାପତି ସନ୍ତୋଷ ବର୍ମା ସମ୍ପାଦକ ସର୍ବେଶ୍ୱର ସାହୁ ସହଯୋଗୀ ରଞ୍ଜନ ବିଶାଳ, କମଳ ସାହୁ, କନ୍ଦରସିଂହା ପଞ୍ଚାୟତର ଡ୍ରାଇଭର ସଂଘର ସଭାପତି ସଞ୍ଜୟ ଦାସ, ସହଯୋଗୀ ବାପୁନ ରାଉତ, ଦିଲ୍ଲିପ ସାହୁ, ସୁବ୍ରତ ସାହୁ, ମନୋରଞ୍ଜନ ମୁଦୁଲି, ବାନାମ୍ବର ସାହୁ ଓ ଟୁନା ବେହେରା ଉପସ୍ଥିତ ରହି ପରିବାରଙ୍କୁ ସଚେତନାର ବାର୍ତ୍ତା ଦେଇଥିଲେ।

# ନୂତନ ଉପଜିଲାପାଳଙ୍କ ଯୋଗଦାନ

କାମାକ୍ଷାନଗର, ୧୦।୩ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷନଗର ଉପଖଣ୍ଡରେ ସୋମବାର ଦିନମଣୀ ନାୟକ ନୂତନ ଉପଜିଲାପାଳ ଭାବେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ବାରିପଦା ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ଉପଜିଲାପାଳ ଆୟବର୍ହିଭୁତ ସମ୍ପତି ଠୁଳ ଅଭିଯୋଗର ଦୁର୍ନୀତି ନିବାରଣ ବିଭାଗ ହାତରେ ଧରାପଡି ୧୮/୧୧ ରିଖଠାରୁ ଚାକିରିରୁ ନିଲମ୍ବନ ହୋଇଥିଲେ। ଉପଖଣ୍ଡର ସାଧାରଣ ଲୋକଙ୍କ ସମସ୍ୟା ଯେପରି ତୁରନ୍ତ ସମାଧାନ ହୋଇପାରିବ, ଅଧିକାରୀମାନେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଉପଜିଲାପାଳଙ୍କ ଯୋଗଦାନ ପରେ ବିଭିନ୍ନ ବ୍ଲକର ଅଧିକାରୀ, କର୍ମଚାରୀ, ସଂଗଠନର କର୍ମକର୍ତ୍ତା ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।



# କଂଗ୍ରେସର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧିକୁ ନେଇ ପ୍ରତିବାଦ**

ଢେଙ୍କାନାଳ,୧୦।୩(ରତନ ନାୟାର)




ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ଟାରେ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଜିଲା କଂଗ୍ରେସ ସଭାପତି ସୁନିଲ ଦାଶଙ୍କ ନେତୃତ୍ୱରେ ଦଳିୟ ନେତୃବୃନ୍ଦ ଓ କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ଗାନ୍ଧୀ ମନ୍ଦିରଠାରୁ ବାହାରି ସହରର ପ୍ରମୁଖ ବଜାର ଦେଇ ଜିଲା କାର୍ଯ୍ୟାଳୟରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଣିପୁରରେ ନାରୀ ନିର୍ଯାତନା, ମହିଳା କୁସ୍ତି ଯୋଦ୍ଧାମାନଙ୍କୁ ଦିଆଯାଇଥିବା ନିର୍ଯାତନାଠାରୁ ଆରମ୍ଭ କରି ଭୁବନେଶ୍ୱର ଭରତପୁର ଥାନାରେ ପୋଲିସ ରାତିସାରା ଉଲଗ୍ନ କରି ନିର୍ଯାତନା ଦେଇଥିବା ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା । ଡବଲ ଇଞ୍ଜିନ୍ ସରକାର କେବଳ ବେଟି ପଢାଓ, ବେଟି ବଚାଓ, ସୁଭଦ୍ରା ଆଦି ସ୍ଲୋଗାନ ବ୍ୟତିତ ନାରୀ ମାନଙ୍କୁ ସୁରକ୍ଷା ଦିଗରେ କୌଣସି ତତ୍ପରତା ଦେଖାଇବା ଦୃଶ୍ୟମାନ ହେଉନାହିଁ ବୋଲି ନେତୃବୃନ୍ଦ କହିଥିଲେ । ଓଡିଶାରେ ମାତ୍ର ୮ମାସ ଭାଜପା ଶାସନ ସମୟରେ ନାରୀ ନିଯର୍ତ୍ମାତନା ଅହେତୁକ ଭାବରେ ବୃଦ୍ଧି ପାଇଛି ବୋଲି ନେତୃବୃନ୍ଦ କହିଥିଲେ । ଗଣ ବଳାତ୍କାର, ବଳାତ୍କାର ପରେ ହତ୍ୟା, ଅପହରଣ, ଆବାସୀକ ସ୍କୁଲରେ ପଢୁଥିବା ଛାତ୍ରୀ ଗର୍ଭବତୀ ଭଳି ଘଟଣା ବୃଦ୍ଧି ପାଇଛି। ଓଡିଶାରେ ୫ବର୍ଷରେ ୪୦ହଜାର ନାରୀ ନିଖୋଜ ଅଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଏହି କାର୍ଯ୍ୟକ୍ରମରେ ପିସିସି ପର୍ଯ୍ୟବେକ୍ଷକ ଅଭିଲାଷ ମାଣିଆ, ଦଳର ଲୋକସଭା ପ୍ରାର୍ଥୀ ସସ୍ମିତା ବେହେରା, ବିଧାନସଭା ପ୍ରାର୍ଥୀ ବିପ୍ରବର ସାହୁ, ଗୋବର୍ଦ୍ଧନ ଶେଖର ନାୟକ, ରଣଜିତ ସାହୁ, ବରିଷ୍ଠ ନେତା ରବି ନାରାୟଣ ମହାନ୍ତି, ସମରେନ୍ଦ୍ର ନନ୍ଦ, ଉର୍ମିଳା ଦାସ, ପ୍ରେମ ଶଙ୍କର ମିଶ୍ର, ଡା. ତୁଷାରକାନ୍ତି ନାୟକ, ବିନୟ ସାହୁ, ନିଶାକର ସାହୁ, ଛବିରାଜ ବିଶ୍ୱାଳ, ସରୋଜ ଶତପଥୀ, ଅଜେନ୍ଦ୍ର ସାମଲ, ଏଆଇସିସି ସଂଯୋଜକ ସମସିଦା ତାଏବ, ଶିଳ୍ପୀଶ୍ରୀ ହରିଚନ୍ଦନ, ମହମ୍ମଦ ସମୀର, ଗୟାଧର ସେଠି, ଏର୍ସାଦ ମହମ୍ମଦ, ପ୍ରଭୁଦତ ଭଞ୍ଜ, ଶୁଭମ ଦାଶ, ଅଭିନାଶ ପଣ୍ଡା, ସୁବାସଚନ୍ଦ୍ର ପ୍ରଧାନ, ରୁଦ୍ର ପ୍ରକାଶ ଶରଣ, ସୁବାସ ପାଲ, ଡମ୍ବରୁଧର ସେଠି, ନିଶାକର ସାହୁ, ଗୋପାଳଚନ୍ଦ୍ର ସାହୁ, ଅଖିଳ ରଥ, କାମାକ୍ଷା ପଣ୍ଡା, ଅଖିଳ କୁମାର ମହାପାତ୍ର, ଡମ୍ବରୁଧର ସେଠିଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଓ ମହିଳା ଯୋଗଦେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ତୁରନ୍ତ ପୋଲିସ ବିଭାଗକୁ ଏହିସବୁ ହିଂସାତ୍ମକ କାର୍ଯ୍ୟ ଓ ଅଘଟଣ ନଘଟିବା ପାଇଁ ପ୍ରତିକାର କରିବା ସହିତ ମହିଳା ମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

